# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (P.M.F.B.Y)

## ଏଚ୍‌ଡିଏଫ୍‌ସି ଏର୍ଗୋ ଜେନେରାଲ୍ ଇନସୁରାନ୍‌ସ କମ୍ପାନୀ ଲିମିଟେଡ୍‌

## ଜରିଆରେ ଆପଣଙ୍କ ଫସଲକୁ ଓ ଆପଣଙ୍କ ଭବିଷ୍ୟତକୁ ସୁରକ୍ଷିତ କରେ

HDFC ERGO
Take it easy!

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏକ ବୀମା ଯୋଜନା । ଏହି ଯୋଜନା ମାଧ୍ୟମରେ ପ୍ରାକୃତିକ ଦୈବୀ ଦୁର୍ବିପାକ ଦ୍ୱାରା ଫସଲ ହାନି ଓ ନଷ୍ଟ ହେଲେ ବୀମା ସହିତ ଫସଲକୁ ପରିମାପ ବା ସଂରକ୍ଷଣ (କଭରେଜ୍) ପ୍ରଦାନ କରିବା ସହିତ କୃଷକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଏ । ଏହା ଦ୍ୱାରା କୃଷକମାନେ ସମ୍ମୁଖୀନ ହେଉଥିବା ଆକସ୍ମିକ ବିପଦ କିମ୍ବା ଖରାପ ପାଣିପାଗ ଜନିତ ଫସଲ ହାନିର କ୍ଷତିପୂରଣ ମିଳିଥାଏ ।

### ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲକ୍ଷ୍ୟ

- ନିରନ୍ତର କୃଷି ଉତ୍ପାଦନ ଓ କୃଷକର ଆୟ ବୃଦ୍ଧି ପାଇଁ ଉଦ୍ୟମ ।
- କୃଷକଙ୍କୁ ଉନ୍ନତ କୃଷି ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ଉତ୍ସାହିତ କରିବା ।
- ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଫସଲକୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବା ସହିତ କୃଷକଙ୍କୁ ଫସଲ ହାନି ଜନିତ ଆର୍ଥିକ ସହାୟତା ଉପଲବ୍ଧ କରିବା ।

### କେଉଁ ଚାଷୀ ବୀମାଭୁକ୍ତ ହୋଇପାରିବେ

ଚାଷ କରୁଥିବା ସମସ୍ତ ଚାଷୀ, କୃଷି ଋଣ ନେଉଥିବା ଚାଷୀ (କେସିସି ଖାତା ଧାରକ କୃଷକ) ଅଥବା ଅଣଋଣି ଚାଷୀ ତଥା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଫସଲ ଚାଷ କରୁଥିଲେ, ବୀମାଭୁକ୍ତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ । ଅଣଋଣୀ ଚାଷୀ ଚାଷ କରୁଥିବା ଜମିର ଦସ୍ତାବିଜ୍ (ପଟ୍ଟା/ଜମିର ମାଲିକାନା ସତ୍ତ୍ୱୋ/ଚୁକ୍ତି ସହମତି ପତ୍ର) ଦାଖଲ କରିବାକୁ ପଡ଼ିବ ।

### ବୀମାଭୁକ୍ତ ହେବାପାଇଁ ଅନ୍ତିମ ତାରିଖ

ଋଣୀ କିମ୍ବା ଅଣଋଣୀ କୃଷକ ଚଳିତ ରବି ଋତୁ ୨୦୧୯-୨୦୨୦ ନିମନ୍ତେ ଡିସେମ୍ବର ମାସ ୩୧ ତାରିଖ ପର୍ଯ୍ୟନ୍ତ ପ୍ରସ୍ତାବ ପତ୍ର (Proposal Form) ଏବଂ ବୀମା ପ୍ରିମିୟମ୍ ରାଶି ବ୍ୟାଙ୍କ / ଗ୍ରାହାକ ସେବା କେନ୍ଦ୍ର ମାଧ୍ୟମରେ ଦାଖଲ କରି ବିମାଭୁକ୍ତ ହୋଇପାରିବେ ।

### ବୀମା ପରିସର ଭୁକ୍ତ କ୍ଷତି (Loss) ର ପ୍ରକାର

ଫସଲ ବୀମା ଦ୍ୱାରା କେଉଁ କ୍ଷେତ୍ରରେ କ୍ଷତି ପୂରଣ ମିଳିବ/ ମିଳିବ ନାହିଁ:

- **ଫସଲ ବୁଣା କିମ୍ବା ରୁଆରେ ବିଫଳତା:** ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କୌଣସି ଅଞ୍ଚଳରେ ୭୫% ରୁ ଅଧିକ ଶସ୍ୟ କ୍ଷେତ୍ରରେ ଫସଲ ବୁଣା କିମ୍ବା ରୁଆ ହୋଇ ନ ପାରିଲେ ବୀମିତ ରାଶିର ୨୫% ପର୍ଯ୍ୟନ୍ତ କ୍ଷତିପୂରଣ ବୀମା କରିଥିବା ଚାଷୀମାନେ ପାଇପାରିବେ । ସମ୍ପୃକ୍ତ ବୀମିତ ଏକକକୁ ରାଜ୍ୟ ସରକାର ଚିହ୍ନଟ କରି ବିଜ୍ଞପ୍ତି ଜାରି କରିବେ । କୃଷକମାନେ ବିଜ୍ଞପ୍ତି ଜାରି ହେବା ଯଥେଷ୍ଟ ଆଗରୁ ବୀମା କରିଥିବା ଆବଶ୍ୟକ । କ୍ଷତିପୂରଣ ହେବା ପରେ ବୀମା ଅବଧି ଅବଶିଷ୍ଟ ସମୟ ପାଇଁ ନିରସ୍ତ ହୋଇଯିବ । ବ୍ୟକ୍ତିଗତ ଭାବେ କୃଷକ ଫସଲ ବୁଣି କିମ୍ବା ରୋଇ ନ ପାରିଲେ ବୀମା କ୍ଷତିପୂରଣ ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ ।
- **ଅନ୍ତର୍ବର୍ତ୍ତି କ୍ଷତି:** ଜମିରେ ଥିବା ବୀମାଭୁକ୍ତ ଫସଲ (ଫସଲ ବୁଣିବା ଠାରୁ ଅମଳ ପର୍ଯ୍ୟନ୍ତ) ଯଦି ବନ୍ୟା, ବାତ୍ୟା, ମରୁଡ଼ି, ରୋଗପୋକ, ଭୂସ୍ଖଳନ, ପ୍ରାକୃତିକ ଭାବେ ଅଗ୍ନିକାଣ୍ଡ, ବଜ୍ରପାତ, ଟାଇଫୁନ, ହରିକେନ, ଟର୍ନାଡୋ ପାଣିପାଗ ଜନିତ କ୍ଷତି ହୁଏ, ତାହେଲେ ସମ୍ପୂର୍ଣ୍ଣ କ୍ଷତିପୂରଣ ପାଇବାକୁ ଯୋଗ୍ୟ ବିବେଚିତ ହେବେ ।
- **ସ୍ଥାନୀୟ ଦୁର୍ବିପାକ ଜନିତ ଫସଲର କ୍ଷତି:** କିଛି ନିର୍ଦ୍ଦିଷ୍ଟ ଆଞ୍ଚଳିକ ବିପଦ କାରଣରୁ ଯଥା, କୁଆପଥର ବୃଷ୍ଟି, ଭୂସ୍ଖଳନ, ଜଳ ପ୍ଲାବନ, ବିଜୁଳି ଯୋଗୁଁ ପ୍ରାକୃତିକ ନିଆଁ ଲାଗିବା ଓ ବାଦଲ ଫଟା ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ ହେଲେ କ୍ଷତି ନିର୍ଦ୍ଧାରଣ ପରେ କ୍ଷତି ପୂରଣ ମିଳିବ ।
- **ଅମଳ ପରେ ହେବା କ୍ଷତି:** ବୀମାଭୁକ୍ତ ଫସଲ କଟା ହେବାର ଦୁଇ ସପ୍ତାହ (୧୪ ଦିନ) ପର୍ଯ୍ୟନ୍ତ ବିଲରେ ଶୁଖିବାର ଆବଶ୍ୟକତା ଥାଏ, ଯଦି ସେହି ଫସଲ ଶୁଖିବା ଅବସ୍ଥାରେ ଘୂର୍ଣ୍ଣିଝଡ, ଘୂର୍ଣ୍ଣିଝଡ ଜନିତ ବର୍ଷା, ଅଦିନିଆ ବର୍ଷା ଓ କୁଆପଥର ବୃଷ୍ଟି କାରଣରୁ ଫସଲ କ୍ଷତିଗ୍ରସ୍ତ ହୁଏ ତେବେ ଚାଷୀ କ୍ଷତି ପୂରଣ ପାଇଁ ଯୋଗ୍ୟ ବିବେଚିତ ହେବେ (କେଉଁ ଫସଲ କେତେ ସମୟ ସୁଦ୍ଧା ଅମଳ ହେବା ଉଚିତ୍ ତାହା ସରକାରଙ୍କ ଦ୍ୱାରା ସୂଚୀତ ହୋଇଛି)। ବୀମିତଙ୍କ ଦ୍ୱାରା ୭୨ ଘଣ୍ଟା ମଧ୍ୟରେ ତୁରନ୍ତ ସୂଚନା ପ୍ରଦାନ ପ୍ରତ୍ୟାଶିତ ଅଟେ ।

### ବୀମା ବର୍ହିଭୂତ କ୍ଷତିର ପ୍ରକାର

କେଉଁ କ୍ଷେତ୍ରରେ କ୍ଷତି ପୂରଣ ମିଳିବ ନାହିଁ:

ଯୁଦ୍ଧ, ଆଣବିକ ବିପଦ, ଦୁରଭିସନ୍ଧି କ୍ଷତି ଏବଂ ଅନ୍ୟ କୌଣସି ନିରାକରଣ ଯୋଗ୍ୟ (Preventable Risks) ରେ କ୍ଷତି ପୂରଣ ମିଳିବ ନାହିଁ ।

### ବୀମା କିପରି କ୍ରୟ କରିବେ

ବୀମା ପାଇଁ ଆପଣଙ୍କ ନିକଟତମ ବାଣିଜ୍ୟିକ ବ୍ୟାଙ୍କ / ଜିଲ୍ଲା କୃଷି ସମବାୟ ବ୍ୟାଙ୍କ / କ୍ଷେତ୍ରୀୟ ଗ୍ରାମୀଣ ବ୍ୟାଙ୍କର ଶାଖା / ଜିଲ୍ଲା କୃଷି ବିଭାଗ ଅଥବା ବୀମା କମ୍ପାନୀର ପ୍ରତିନିଧିଙ୍କ ସହିତ ସମ୍ପର୍କ କରନ୍ତୁ । ଅଣଋଣୀ ଚାଷୀମାନେ ଗ୍ରାହକ ସେବା କେନ୍ଦ୍ର ମାନଙ୍କରେ ବୀମା ନିମନ୍ତେ ପଞ୍ଜୀକରଣ କରିପାରିବେ ।



## ଫସଲ ବୀମା ପାଇଁ ପ୍ରିମିୟମ୍ ରେଟ୍

| ଯୋଜନା | ଋତୁ | ଜିଲ୍ଲା | ଫସଲ | ହେକ୍ଟର ପିଛା ବୀମା ରାଶି (ଟ.) | ହେକ୍ଟର ପିଛା କୃଷକଙ୍କ ପ୍ରିମିୟମ୍ ଅଂଶ (ଟ.) |
|---|---|---|---|---|---|
| ପିଏମ୍ଏଫ୍ବିୱାଇ | ରବି | ଦେବଗଡ଼ | ବିରି | ୩୭,୫୦୦ | ୫୬୨.୫୦୦ |
| ପିଏମ୍ଏଫ୍ବିୱାଇ | ରବି | ଦେବଗଡ଼ | ମୁଗ | ୩୭,୫୦୦ | ୫୬୨.୫୦୦ |
| ପିଏମ୍ଏଫ୍ବିୱାଇ | ରବି | ଦେବଗଡ଼ | ଚିନା ବାଦାମ | ୫୫,୦୦୦ | ୮୨୫.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ଦେବଗଡ଼ | ପିଆଜ | ୧୫୫,୦୦୦ | ୩,୧୦୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ଦେବଗଡ଼ | ଆଳୁ | ୧୧୨,୫୦୦ | ୨,୨୫୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ଦେବଗଡ଼ | ଆଖୁ | ୧୦୨,୫୦୦ | ୨,୦୫୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | କେନ୍ଦ୍ରାପଡ଼ା | ବିରି | ୨୨,୫୦୦ | ୩୩୭.୫୦୦ |
| ପିଏମ୍ଏଫ୍ବିୱାଇ | ରବି | କେନ୍ଦ୍ରାପଡ଼ା | ମୁଗ | ୨୨,୫୦୦ | ୩୩୭.୫୦୦ |
| ପିଏମ୍ଏଫ୍ବିୱାଇ | ରବି | କେନ୍ଦ୍ରାପଡ଼ା | ଚିନା ବାଦାମ | ୫୨,୫୦୦ | ୭୮୭.୫୦୦ |
| ପିଏମ୍ଏଫ୍ବିୱାଇ | ରବି | କେନ୍ଦ୍ରାପଡ଼ା | ପିଆଜ | ୪୭,୫୦୦ | ୯୫୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | କେନ୍ଦ୍ରାପଡ଼ା | ଧାନ | ୫୭,୫୦୦ | ୮୬୨.୫୦୦ |
| ପିଏମ୍ଏଫ୍ବିୱାଇ | ରବି | କେନ୍ଦ୍ରାପଡ଼ା | ଆଳୁ | ୧୦୦,୦୦୦ | ୨,୦୦୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | କେନ୍ଦ୍ରାପଡ଼ା | ଆଖୁ | ୧୦୫,୦୦୦ | ୪,୨୦୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ମୟୂରଭଞ୍ଜ | ବିରି | ୨୭,୬୫୦ | ୪୧୪.୭୫୦ |
| ପିଏମ୍ଏଫ୍ବିୱାଇ | ରବି | ମୟୂରଭଞ୍ଜ | ମୁଗ | ୨୭,୬୫୦ | ୪୧୪.୭୫୦ |
| ପିଏମ୍ଏଫ୍ବିୱାଇ | ରବି | ମୟୂରଭଞ୍ଜ | ଚିନା ବାଦାମ | ୬୦,୬୫୦ | ୯୦୯.୭୫୦ |
| ପିଏମ୍ଏଫ୍ବିୱାଇ | ରବି | ମୟୂରଭଞ୍ଜ | ସୋରିଷ | ୩୬,୪୮୮ | ୫୪୭.୩୨୦ |
| ପିଏମ୍ଏଫ୍ବିୱାଇ | ରବି | ମୟୂରଭଞ୍ଜ | ଧାନ | ୬୮,୩୫୦ | ୧,୦୨୫.୨୫୦ |
| ପିଏମ୍ଏଫ୍ବିୱାଇ | ରବି | ମୟୂରଭଞ୍ଜ | ଆଳୁ | ୧୦୦,୦୦୦ | ୪,୦୦୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ନବରଙ୍ଗପୁର | ବିରି | ୩୬,୭୫୦ | ୫୫୧.୨୫୦ |
| ପିଏମ୍ଏଫ୍ବିୱାଇ | ରବି | ନବରଙ୍ଗପୁର | ମୁଗ | ୩୬,୭୫୦ | ୫୫୧.୨୫୦ |
| ପିଏମ୍ଏଫ୍ବିୱାଇ | ରବି | ନବରଙ୍ଗପୁର | ଚିନା ବାଦାମ | ୫୮,୭୫୦ | ୮୮୧.୨୫୦ |
| ପିଏମ୍ଏଫ୍ବିୱାଇ | ରବି | ନବରଙ୍ଗପୁର | ଧାନ | ୭୮,୫୦୦ | ୧,୧୭୭.୫୦୦ |
| ପିଏମ୍ଏଫ୍ବିୱାଇ | ରବି | ନବରଙ୍ଗପୁର | ଆଖୁ | ୧୩୨,୫୦୦ | ୫,୩୦୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ଗଞ୍ଜାମ | ବିରି | ୩୭,୫୦୦ | ୫୬୨.୫୦୦ |
| ପିଏମ୍ଏଫ୍ବିୱାଇ | ରବି | ଗଞ୍ଜାମ | ମୁଗ | ୩୭,୫୦୦ | ୫୬୨.୫୦୦ |
| ପିଏମ୍ଏଫ୍ବିୱାଇ | ରବି | ଗଞ୍ଜାମ | ଚିନା ବାଦାମ | ୭୦,୦୦୦ | ୧,୦୫୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ଗଞ୍ଜାମ | ଆଳୁ | ୧୪୦,୦୦୦ | ୨,୮୦୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ଗଞ୍ଜାମ | ଧାନ | ୬୫,୦୦୦ | ୯୭୫.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ଗଞ୍ଜାମ | ଆଖୁ | ୧୨୫,୦୦୦ | ୨,୫୦୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | କଳାହାଣ୍ଡି | ବିରି | ୩୧,୨୫୦ | ୪୬୮.୭୫୦ |
| ପିଏମ୍ଏଫ୍ବିୱାଇ | ରବି | କଳାହାଣ୍ଡି | ମୁଗ | ୩୧,୨୫୦ | ୪୬୮.୭୫୦ |
| ପିଏମ୍ଏଫ୍ବିୱାଇ | ରବି | କଳାହାଣ୍ଡି | ଚିନା ବାଦାମ | ୫୨,୩୭୫ | ୭୮୫.୬୨୫ |
| ପିଏମ୍ଏଫ୍ବିୱାଇ | ରବି | କଳାହାଣ୍ଡି | ସୋରିଷ | ୨୨,୫୦୦ | ୩୩୭.୫୦୦ |
| ପିଏମ୍ଏଫ୍ବିୱାଇ | ରବି | କଳାହାଣ୍ଡି | ପିଆଜ | ୯୩,୧୨୫ | ୧,୮୬୨.୫୦୦ |
| ପିଏମ୍ଏଫ୍ବିୱାଇ | ରବି | କଳାହାଣ୍ଡି | ଧାନ | ୭୭,୧୫୦ | ୧,୧୫୭.୨୫୦ |
| ପିଏମ୍ଏଫ୍ବିୱାଇ | ରବି | କଳାହାଣ୍ଡି | ଆଖୁ | ୧୦୦,୦୨୫ | ୨,୦୦୦.୫୦୦ |
| ପିଏମ୍ଏଫ୍ବିୱାଇ | ରବି | କଳାହାଣ୍ଡି | ସୂର୍ଯ୍ୟମୁଖି | ୫୧,୪୫୦ | ୭୭୧.୭୫୦ |
| ପିଏମ୍ଏଫ୍ବିୱାଇ | ରବି | ପୁରୀ | ବିରି | ୪୫,୨୫୦ | ୬୭୮.୭୫୦ |
| ପିଏମ୍ଏଫ୍ବିୱାଇ | ରବି | ପୁରୀ | ମୁଗ | ୪୫,୨୫୦ | ୬୭୮.୭୫୦ |
| ପିଏମ୍ଏଫ୍ବିୱାଇ | ରବି | ପୁରୀ | ଚିନା ବାଦାମ | ୭୯,୩୭୫ | ୧,୧୯୦.୬୨୫ |
| ପିଏମ୍ଏଫ୍ବିୱାଇ | ରବି | ପୁରୀ | ଧାନ | ୬୯,୭୫୦ | ୧,୦୪୬.୨୫୦ |
| ପିଏମ୍ଏଫ୍ବିୱାଇ | ରବି | ପୁରୀ | ଆଳୁ | ୧୧୨,୧୨୫ | ୨,୨୪୨.୫୦୦ |
| ପିଏମ୍ଏଫ୍ବିୱାଇ | ରବି | ପୁରୀ | ଆଖୁ | ୧୨୭,୫୦୦ | ୨,୫୫୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ସୁବର୍ଣ୍ଣପୁର | ବିରି | ୨୨,୫୦୦ | ୩୩୭.୫୦୦ |
| ପିଏମ୍ଏଫ୍ବିୱାଇ | ରବି | ସୁବର୍ଣ୍ଣପୁର | ମୁଗ | ୨୨,୫୦୦ | ୩୩୭.୫୦୦ |
| ପିଏମ୍ଏଫ୍ବିୱାଇ | ରବି | ସୁବର୍ଣ୍ଣପୁର | ଚିନାବାଦାମ | ୪୪,୫୦୦ | ୬୬୭.୫୦୦ |
| ପିଏମ୍ଏଫ୍ବିୱାଇ | ରବି | ସୁବର୍ଣ୍ଣପୁର | ଧାନ | ୭୦,୦୦୦ | ୧,୦୫୦.୦୦୦ |
| ପିଏମ୍ଏଫ୍ବିୱାଇ | ରବି | ସୁବର୍ଣ୍ଣପୁର | ଆଖୁ | ୧୧୬,୫୦୦ | ୨,୩୩୦.୦୦୦ |

**ବ୍ୟାଙ୍କ/ପିଏସିଏସ୍/ସିଏସ୍‌ସି/ବୀମା ପ୍ରତିନିଧି/ କୃଷକଙ୍କ ଦ୍ୱାରା ଅନଲାଇନ୍ ନାମ ତାଲିକାଭୁକ୍ତ ଇତ୍ୟାଦି ସମେତ ସମସ୍ତ ଅଂଶଧାରକଙ୍କ ଦ୍ୱାରା କୃଷକଙ୍କ ଆବେଦନ ଗ୍ରହଣ କରିବା ପାଇଁ/କୃଷକଙ୍କ ଖାତା (ଋଣୀ ଓ ଅଣ-ଋଣୀ) ରୁ କିସ୍ତି କଟାଯିବା ପାଇଁ ଶେଷ ତାରିଖ – ୩୧/୧୨/୨୦୧୯**

**ଅଧିକ ବିବରଣୀ ପାଇଁ ଉପରୋକ୍ତ ବୀମା କମ୍ପାନୀର ପ୍ରତିନିଧି/ନିକଟସ୍ଥ ସହକାରୀ କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀ ଏବଂ ନିକଟସ୍ଥ କ୍ଷେତ୍ରୀୟ ଗ୍ରାମୀଣ, ବାଣିଜ୍ୟିକ ଓ ସମବାୟ ବ୍ୟାଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।**

ଏଚ୍‌ଡିଏଫ୍‌ସି ଇର୍ଗୋ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ । ଆଇଆର୍‌ଡିଏଆଇ ପଞ୍ଜୀକରଣ ନଂ. 146 । ସିଆଇଏନ୍: U66030MH2007PLC177117 । ପଞ୍ଜିକୃତ ଓ କର୍ପୋରେଟ୍ କାର୍ଯ୍ୟାଳୟ: 1ମ ମହଲା, ଏଚ୍‌ଡିଏଫ୍‌ସି ହାଉସ୍, 165-166 ବ୍ୟାକ୍‌ବେ ରିକ୍ଲେମେଶନ୍, ଏଚ୍.ଟି.ପରେଖ ମାର୍ଗ, ଚର୍ଚ୍ଚଗେଟ୍, ମୁମ୍ବଇ - 400 020 । ଗ୍ରାହକ ସେବା ଠିକଣା: ଡି-301, 3ୟ ମହଲା, ଇଷ୍ଟର୍ନ ବିଜନେସ୍ ଜିଲ୍ଲା (ମ୍ୟାଗନେଟ୍ ମଲ୍), ଏଲ୍‌ବିଏସ୍ ମାର୍ଗ, ଭାଣ୍ଡୁପ (ପଶ୍ଚିମ), ମୁମ୍ବାଇ - 400 078 । ଗ୍ରାହକ ସେବା ନଂ.: 022 - 6234 6234 / 0120 - 6234 6234 । care@hdfcergo.com । www.hdfcergo.com । ଆପଦକାରକ, ସର୍ତ୍ତ ଓ ନିୟମାବଳୀ ଉପରେ ବିସ୍ତୃତ ବିବରଣୀ ପାଇଁ ଦୟାକରି ବିକ୍ରି ସମାପନ ପୂର୍ବରୁ ବିକ୍ରୟ ପୁସ୍ତିକା/ପ୍ରସ୍ପେକ୍ଟସ୍ ପଢନ୍ତୁ । ଉପରେ ପ୍ରଦର୍ଶିତ ଟ୍ରେଡ୍ ଲୋଗୋ ଏଚ୍‌ଡିଏଫ୍‌ସି ଲିଃ ଏବଂ ଇର୍ଗୋ ଇଣ୍ଟରନେଶନାଲ୍ ଏଜି ଅଧିକାରଭୁକ୍ତ ଅଟେ ଏବଂ ଲାଇସେନ୍ସ ଅଧୀନରେ କମ୍ପାନୀ ଦ୍ୱାରା ବ୍ୟବହୃତ ହୋଇଛି । ୟୁଆଇଏନ୍: CSC Pradhan Mantri Fasal Bima Yojana- HDE-AG-P18-25-V01-17-18, Pradhan Mantri Fasal Bima Yojana- IRDAN125P0003V01201617 । ୟୁଆଇଡ଼ି ନଂ. 3802 ।